ODISHA POLICE
STATE HEADQUARTERS
CUTTACK.

---

# ପ୍ରେସ୍ ନୋଟ୍

## ୬୬ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ

କଟକ ତା ୨୯.୯.୨୦୧୯ – ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଆଜି ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଅଛି । ଏହି ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟ ଅତିଥି ଭାବେ ଅଂଶ ଗ୍ରହଣ କରି ଏକ ବର୍ଣ୍ଣାଢ୍ୟ ପରେଡରେ ଅଭିବାଦନ ଗ୍ରହଣ କରିବା ସହ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ମାନ୍ୟବର ମୁଖ୍ୟ ଅତିଥି ତଥା ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଆରକ୍ଷୀ ମହାନିର୍ଦ୍ଦେଶକ ଡା. ଶର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ ବୃତ୍ତିଗତ ପ୍ରତିଯୋଗିତାର ଆୟୋଜନ ଦ୍ୱାରା ପ୍ରତିଯୋଗୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ପ୍ରବୃତ୍ତି ସୃଷ୍ଟି ହୋଇଥାଏ । ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଲିସ ବିଭାଗର ବିଭିନ୍ନ ସ୍ତରରେ କାର୍ଯ୍ୟରତ ଅଧିକାରୀଙ୍କ ମଧ୍ୟରେ ତଦନ୍ତ କରିବାର ଦକ୍ଷତା ବୃଦ୍ଧି କରିବା ଓ Conviction Rate ରେ ଉନ୍ନତି ଆଣିବା । ବର୍ତ୍ତମାନ ଅନେକ ଶିକ୍ଷିତ ଅପରାଧିମାନେ ସତର୍କତାର ସହ ଅପରାଧ ଘଟାଇବା ଦ୍ୱାରା ମାମଲାର ତଦନ୍ତ ଜଟିଳ ହୋଇଥାଏ । ଏଣୁ ଏହି ସବୁ ମାମଲା ଗୁଡିକର ତଦନ୍ତ ସମୟରେ ଅପରାଧ ବିଜ୍ଞାନ ପଦ୍ଧତି ଓ ବୈଜ୍ଞାନିକ ଜ୍ଞାନ କୌଶଳ ତଥା ଉପକରଣ ମାଧମରେ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବା ସହ ସଠିକ୍ ପଦ୍ଧତି ଉପଯୋଗ କରିବାର ଆବଶ୍ୟକତା ଅଛି । ପାଟଣାଗଡ ପାର୍ସଲ ବୋମା କେସ୍‌ର ସଫଳ ଅନୁସନ୍ଧାନ ପାଇଁ ଡା. ଶର୍ମା କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ମାନଙ୍କୁ ପ୍ରଶଂସା କରିଥିଲେ । ସେହିପରି ଗାଙ୍ଗଷ୍ଟର ମାନଙ୍କ ମନି ଲଣ୍ଡରିଙ୍ଗ କୁ ସଫଳ ଉନ୍ମୋଚନ କରିଥିବାରୁ STF, କମିଶନରେଟ୍ ପୋଲିସ ଓ ଜଗତସିଂହପୁର ପୋଲିସର କାର୍ଯ୍ୟକୁ ମଧ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରଶଂସା କରିଥିଲେ । ନାରୀ ଓ ଶିଶୁ ମାନଙ୍କ ସୁରକ୍ଷା ପାଇଁ ଓଡିଶା ପୋଲିସ ଅଗ୍ରାଧିକାର ଦେବା ସହ ସମ୍ବେଦନଶୀଳ ମାମଲା ଗୁଡିକୁ "ରେଡ୍ ଫ୍ଲାଗ୍" ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଉଛି । ମହିଳା ଓ ଶିଶୁ ମାନଙ୍କ ଉପରେ ହେଉଥିବା Cyber Crime କୁ ମୁକାବିଲା କରିବାକୁ ଓଡିଶା ପୋଲିସ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ Cyber Crime Lab – cum Training Centre ଖୋଲିବାକୁ ପ୍ରକ୍ରିୟା ଆରମ୍ଭ କରିଛି । ଏଠାରେ ତଦନ୍ତକାରୀ ପୋଲିସ ଅଧିକାରୀ ଓ Public Prosecutor ମାନଙ୍କୁ ବିଶେଷ ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । କ୍ରାଇମ୍‌ବ୍ରାଞ୍ଚ ତରଫରୁ ସମୟ ଅନୁଯାୟୀ ପ୍ରଶିକ୍ଷଣ ଶିବିର ତଥା କର୍ମଶାଳା ମାନ ଆୟୋଜନ କରାଯାଉଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରକାଶ କରିଥିଲେ । କ୍ରାଇମବ୍ରାଞ୍ଚ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଉପାଧ୍ୟାୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ତାଙ୍କ ବକ୍ତବ୍ୟ ରଖି ବୃତ୍ତିଗତ ପ୍ରତିଯୋଗିତାର ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ । ଅପରାଧ ଅନୁସନ୍ଧାନ ଶାଖାର ଆଇ.ଜି ଶ୍ରୀ ଅରୁଣ ବୋଥ୍ରା ଧନ୍ୟବାଦ ପ୍ରଦାନ କରିଥିଲେ ।

ଏହି ପ୍ରତିଯୋଗିତାରେ ସହରାଞ୍ଚଳ ପୋଲିସ ଜିଲ୍ଲା ଭୁବନେଶ୍ୱରକୁ ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନ ପାଇଁ ଶ୍ରେଷ୍ଠ ଦଳ ଭାବେ କ୍ଷେତ୍ର ମୋହନ ବିଶ୍ୱାଳ ଟ୍ରଫି ସହ ଏସ୍.କେ.ଘୋଷ ଟ୍ରଫି ପ୍ରଦାନ କରାଯାଇଅଛି । ଏହି ବିଭାଗରେ ସହରାଞ୍ଚଳ ପୋଲିସ କଟକକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଅଛି । ସହରାଞ୍ଚଳ ପୋଲିସ ଜିଲ୍ଲା ଭୁବନେଶ୍ୱରର ଇନିସ୍‌ପେକ୍ଟର ବନିତା ମହାରଣାଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କ୍ଷେତ୍ର ମୋହନ ବିଶ୍ୱାଳଙ୍କ ପ୍ରଦତ୍ତ ଅର୍ଥ ପୁରସ୍କାର ସହ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ପ୍ରଦତ୍ତ ଅର୍ଥ ରାଶି ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଅଛି । ସେହିପରି କମ୍ପ୍ୟୁଟର ଦକ୍ଷତା ଓ ସଚେତନତା ପରୀକ୍ଷାରେ ଅପରାଧ ଅନୁସନ୍ଧାନ ଶାଖାର ଇନିସ୍‌ପେକ୍ଟର ଅବନ୍ତିମଣୀ ନାୟକଙ୍କୁ ରାଜ୍ୟ ଅପରାଧ ନଥି ସଂସ୍ଥାର ନିର୍ଦ୍ଦେଶକଙ୍କ ପ୍ରଦତ୍ତ ଚମ୍ପିୟନ ଟ୍ରଫି ପ୍ରଦାନ କରାଯାଇଅଛି । ଶ୍ରେଷ୍ଠ ପୋଲିସ ଶ୍ୱାନ ପ୍ରଶିକ୍ଷକ (**K-9-Handler**) ଭାବେ କନେଷ୍ଟବଳ ଚିତରଞ୍ଜନ ଲେଙ୍କା ଏବଂ ଶ୍ୱାନ (Angel) କୁ ଗୋବର୍ଦ୍ଧନ ପଟ୍ଟନାୟକଙ୍କ ପ୍ରଦତ୍ତ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଅଛି । ପ୍ରତିଯୋଗିତାରେ ସାମଗ୍ରୀକ ସଫଳତା ପାଇଁ ଇନିସ୍‌ପେକ୍ଟର ବନିତା ମହାରଣାଙ୍କୁ ଶ୍ରୀ ବି.କେ.ପାଣିଗ୍ରାହୀଙ୍କ ପ୍ରଦତ୍ତ ୧୦,୦୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଅଛି ।

ଏହି ଉଦ୍‌ଯାପନୀ ଉତ୍ସବରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଲୋକ ସମ୍ପର୍କ ଅଧିକାରୀ